# Akashvani, Sambalpur

## SAMBALPURI NEWS EVENING BULLETIN

## 6 April 2026-7.02- 7.12 pm.

---

୧- ରାଜ୍ୟସଭା ସାଂସଦ୍ ଭାବେ ଆଏଜ୍ ଶପଥ୍ ନେଲେ ଓଡ଼ିଶାର୍ ୩ ଝନ୍ ନବନିର୍ବାଚିତ ସଦସ୍ୟ ।

୨- ଓଡ଼ିଆ ପକ୍ଷର୍ ୬ ନମ୍ବର୍ ଦିନେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହେଇଛେ ସ୍ୱଚ୍ଛତା ଅଭିଯାନ୍ ।

୩- ରାଜ୍ୟର୍ ୩ ଟା ପ୍ରମୁଖ ବିଶ୍ୱବିଦ୍ୟାଳୟର୍ କୁଳପତି ନିଯୁକ୍ତି ବାବ୍‌ଦେ ବାହାର୍‌ଲା ବିଜ୍ଞପ୍ତି ।

୪- ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ମୁଲ୍ ହେଲା ୬୯ ନମ୍ବର୍ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନ୍‌ସିପ୍ ।

ଆଉର୍

୫- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ହେଇଛେ ଧୁକାଗର୍ଡ଼ି ବର୍ଷା ଆଉ କରାମାଡ଼ ।

ସାଂସଦ୍ଙ୍କର୍ ଶପଥ୍ ପାଠ୍ ଆର୍ଏନ୍ୟୁ/ କଟକ୍

ଓଡ଼ିଶାନୁ ନୂଆଁକରି ନିର୍ବାଚିତ୍ ହେଇଥିବା ୩ ଝନ୍ ରାଜ୍ୟସଭା ସଦସ୍ୟ ଆଏଜ୍ ଶପଥ୍ ନେଇଛନ୍ । ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ସଦସ୍ୟମାନ୍‌କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ । ଓଡ଼ିଶାନୁ ରାଜ୍ୟସଭାକେ ନିର୍ବାଚିତ ହେଇଥିବା ମନ୍‌ମୋହନ୍ ସାମଲ୍ ସନ୍ତୃପ୍ତ ମିଶ୍ର ଆଉ ଦିଲ୍ଲୀପ୍ ରାୟ ଓଡ଼ିଆ ଭାଷାଥି ଶପଥ୍ ନେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ -ବିଜେପି ପ୍ରତିଷ୍ଠା ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ବିଜେପିର ୪୭ ନମ୍ବର୍ ପ୍ରତିଷ୍ଠା ଦିବସ୍ ଅବ୍‌ସରେ ବରିଷ୍ଠ ବିଜେପି ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ଅଲ୍‌ଗା ବରିଷ୍ଠ ବିଜେପି ନେତାମାନେ ଦଲୀୟ କର୍ମୀମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଶ୍ରୀ ମୋଦୀ କହିଛନ୍, ରାଷ୍ଟ୍ର ପହେଲା ନୀତିକେ ଅନୁସରଣ୍ କରିକରି ଦଲ୍ ଦେଶ୍‌ସେବାଥି ନିଜ୍‌କେ ନିୟୋଜିତ କରିଛେ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ବିଜେପି କର୍ମୀମାନେ ନିଃସ୍ୱାର୍ଥପର

ସେବା, ଉତ୍ସର୍ଗୀକୃତ ମନୋଭାବ ଆଉ ଦୃଢ଼ ପ୍ରତିବଦ୍ଧତା ସହେତେ କାମ୍ କରୁଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରତିଷ୍ଠା ଦିବସ୍‌ଥି ସବୁ କର୍ମକର୍ତାମାନ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଦଲର୍ ବିକାଶ୍ ଯାତ୍ରା ସଂସ୍କାର୍ ଆଉ ସେବାର ଗୁଟେ ନିରନ୍ତର ପ୍ରବାହ । ଅନ୍ତ୍ୟୋଦୟନୁ ରାଷ୍ଟ୍ରଦ୍ୱୟ ତକ୍ ସମାଜ୍‌ର ଶେଷ ଧାଡ଼ିଥି ଥିବା ଲୁକ୍‌କର୍ ପାଖେ ବିକାଶ୍‌ର ସୁଫଲ୍ ପୁହୁଁଚାବାର୍ ଲାଗି ଦଲ୍ ଚେରେଷ୍ଟା କରୁଛେ ।

ଓଡ଼ିଆ ପକ୍ଷ- ସ୍ୱଚ୍ଛତା କାର୍ଯ୍ୟକ୍ରମ୍     ଆର୍‌ଏନ୍‌ୟୁ/ ସମ୍ବଲପୁର/ ସୁବର୍ଣ୍ଣପୁର/ କଲାହାଣ୍ଡି/ ବୌଦ୍ଧ/ ଦେବ୍‌ଗଡ଼୍

ରାଏଜେ ଓଡ଼ିଶା ଦିବସ୍‌ନୁ ମୁଲ୍ ହେଇଥିବା ୧୫ ଦିନିଆ ଓଡ଼ିଆ ପକ୍ଷର୍ ଆଏଜ୍ ୬ ନମ୍ବର୍ ଦିନେ ସ୍ୱଚ୍ଛତା ଅଭିଯାନ୍ ପାଲନ୍ କରାଯାଉଛେ । ସ୍ୱଚ୍ଛତା ଆମର୍ ସଂସ୍କୃତି ଆଉ ସବୁଦିନିଆ ଚାଲିଚଲନ୍‌ର ଗୁଟେ ଜରୁରୀ ଅଂଶ । ସ୍ୱଚ୍ଛତା ଅଭିଯାନ୍ ଅବ୍‌ସରେ

ସଭେ ମିଶିକରି ଗୁଟେ ସୁନ୍ଦର୍, ସୁସ୍ଥ ଆଉ ସଫା ଓଡ଼ିଶା ଗଠନ୍‌ରେ ସଂକଳ୍ପକେ ମଜ୍‌ଭୁତ୍ କରିକରି ଜନଭାଗିଦାରୀ ଜରିଏ ସ୍ୱଚ୍ଛତାକେ ଗୁଟେ ଜନ ଆନ୍ଦୋଲନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍, ପୌର ପରିଷଦ୍ ଆଉ ସ୍ୱଚ୍ଛ ଭାରତ୍ ସଂଗଠନ୍‌ର ମିଲିତ୍ ସ୍ୱଚ୍ଛତା ଅଭିଯାନ୍‌ଥି ସୁରେଶ୍ୱରୀ ମନ୍ଦିର, ବାବା ସୁବର୍ଣ୍ଣପୁର୍ ଆଉ ରାମେଶ୍ୱର ମନ୍ଦିର୍ ସହେତେ ମହାନଦୀର୍ ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍‌କେ ସଫା କରାଯାଇଛେ । ଇ ଅବ୍‌ସରେ ସଚେତନତା ପଦଯାତ୍ରା  ହେଇଯାଇଛେ ।

କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ଆଉ ଭବାନୀପାଟ୍‌ନା ପୌରପାଲିକା ତର୍‌ଫୁ ଜିଲ୍ଲାର୍ ଭିନ୍ ଭିନ୍ ମନ୍ଦିର୍ ଆଉ ଐତିହ୍ୟ ଜାଗାମାନ୍‌କୁ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଯାଇଛେ । ଜିଲ୍ଲା ପ୍ରଶାସନ୍‌ର ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ର ଛାତ୍ରଛାତ୍ରୀମାନେ ସଫେଇ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ପରିବେଶ୍‌କେ ସଫାସୁତ୍‌ରା ରଖିବାର୍ ଲାଗି ବାର୍ତା ଦେଇଛନ୍ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଐତିହାସିକ୍ ହରିହର ପୀଠ, ବାବା ଚନ୍ଦ୍ରଚୂଡ଼, ମାତଙ୍ଗେଶ୍ୱର, ରାମେଶ୍ୱର ପୀଠ ବାଗିର୍ ଜାଗା

ମାନ୍‌କେ ସ୍ୱଚ୍ଛତା ଅଭିଯାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ବର୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ପୌର ପରିଷଦ୍‌ର ମିଲିତ୍ ଚେରେଷ୍ଟାଥି ସାଇ ମନ୍ଦିର୍ ବନ୍ଦ୍, କଟା ବାଗିର୍ ସାର୍ବଜନୀନ ଜାଗା ମାନ୍‌କୁ ସଫେଇ କରାଯାଇଛେ । ସ୍ୱଚ୍ଛତା ଅଭିଯାନ୍‌ଥି ସର୍‌କାରୀ କର୍ମଚାରୀମାନ୍‌କର୍ ସହେତେ ଭିନ୍ ଭିନ୍ ସଂଗଠନ୍‌ର କର୍ମକର୍ତା ଆଉ ଛାତ୍ରଛାତ୍ରୀମାନେ ସାମିଲ୍ ହେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ପର୍ଯ୍ୟଟନ୍ ବିଭାଗ୍ ଜିଲ୍ଲା ସଂସ୍କୃତି ବିଭାଗ୍ ଆଉ ପୌର ପରିଷଦ୍ ତର୍‌ଫୁ ପ୍ରଧାନ୍‌ପାଟ୍‌ର ପ୍ରଧାନ୍‌ପାଟେଶ୍ୱରୀ ମନ୍ଦିର୍ ଆଉ ଐତିହ୍ୟ ସ୍ଥଲୀମାନ୍‌କେ ସ୍ୱଚ୍ଛତା ଅଭିଯାନ୍ କରାଯାଇଛେ ।

କୁଳପତି ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୩ ଟା ବିଶ୍ୱବିଦ୍ୟାଳୟର୍ କୁଳପତି ନିଯୁକ୍ତି ବାବ୍‌ଦେ ଲୋକଭବନ୍ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବାଲେଶ୍ୱର୍ ଫକୀର୍ ମୋହନ୍ ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ପ୍ରଫେସର୍ ସନ୍ତୋଷ୍ କୁମାର୍ ତ୍ରିପାଠୀ, କଟକ୍ ରେଭେନ୍ସା

ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ପ୍ରଫେସର୍ ଅର୍କ କୁମାର୍ ଦାସ ମହାପାତ୍ର ଆଉ ଉତ୍କଳ ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ପ୍ରଫେସର୍ ଚଣ୍ଡି ପ୍ରସାଦ୍ ନନ୍ଦଙ୍କୁ ନିଯୁକ୍ତ କରାଯାଇଛେ ।

ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ନାଁ ଘୋଷ୍ନା    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୨୩ ଟା ଜିଲ୍ଲା ନ ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ ଅଧ୍ୟକ୍ଷ ଆଉ ଉପାଧ୍ୟକ୍ଷଙ୍କର୍ ନାଁ ଘୋଷ୍ନା କରାଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ବାବ୍‌ଦେ ପ୍ରତିକ୍ରିୟା ରଖିକରି କହିଛନ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ୍ ଗୁଟେ ପଦ୍ ନୁହେଁ, ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ସମ୍‌କୁ ନେଇକରି ବିକଶିତ୍ କର୍‌ବାର୍ ସର୍‌କାର୍‌ଙ୍କର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ପୁର୍‌ନା ଗାଡ଼ି        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଅଲ୍‌ଗା ରାଏଜେ ପଞ୍ଜିକୃତ ହେଇଥିବା ୧୦ ବଛର୍‌ନୁ ଅଏତ୍‌କା ପୁର୍‌ନା ବାଣିଜ୍ୟିକ ଗାଡ଼ିମାନ୍‌କୁ ଓଡ଼ିଶାକେ ପ୍ରବେଶ୍ ଆଉ

ପରିଚାଲନା ଉପ୍ରେ କଟ୍କନା ଜାରି କରାଯାଇଛେ । ବାଣିଜ୍ୟ ପରିବହନ୍ ମନ୍ତ୍ରୀ ବିଭୂତିଭୂଷଣ୍ ଜେନାଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ, ଯାତ୍ରୀମାନ୍କର ନିରାପତାକେ ନଜର୍ଥି ରଖିକରି ଧାରିଜ୍ ସମିଆ ପାର୍ କରିଥିବା ବାହାର୍ ରାଜ୍ୟର୍ କେନ୍ସି ବାଣିଜ୍ୟିକ୍ ଗାଡ଼ିକେ ଓଡ଼ିଶା ନ ଚଲାଚଲ୍ ଲାଗି ଅନୁମତି ନାଇଁ ଦିଆଯାଏ । ରାଜ୍ୟ ପରିବହନ୍ ପ୍ରାଧିକରଣ୍ର ୩ ଶହ ୧ ନମ୍ବର୍ ବୈଠକ୍ ନ ଗୃହୀତ୍ ହେଇଥିବା ନିଷ୍ପତି ମାନ୍କୁ କାର୍ଯ୍ୟକାରୀ କର୍ବାର୍ ଲାଗି ରାଜ୍ୟର୍ ସବୁ ଆଂଚଲିକ୍ ପରିବହନ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ପୁର୍ନା ଗାଡ଼ିକେ ଚଲାବାର୍ ଲାଗି ଅନୁମତି ଦିଆ ନାଇଁ ଗଲେ ରାଏଜେ ପ୍ରଦୂଷଣ୍ ହାର କମ୍ବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଦୀକ୍ଷାନ୍ତ ସମାରୋହ ହି.ସ.

ଭୁବ୍ନେଶ୍ୱର୍ର ବିଜୁ ପଟ୍ଟନାୟକ୍ ରାଜ୍ୟ ପୁଲିସ୍ ଏକାଡେମୀ ପରିସର୍ ନ ୯ ନମ୍ବର୍ ବେଚ୍ ଉପ ଆରକ୍ଷୀ ଅଧିକ୍ଷକ୍ ଡିଏସ୍ପି

ମାନ୍‌କର୍ ଦୀକ୍ଷାନ୍ତ ସମାରୋହ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଉନ୍ନତ୍ ଜ୍ଞାନ୍‌କୌଶଲ୍ ସାଇବର୍ ଅପରାଧ୍ ରୁକ୍‌ବାର୍ ବାଗିର୍ ପ୍ରଶିକ୍ଷଣ୍ ଶେଷ୍ କରିକରି ୫ ଝନ୍ ଡିଏସ୍‌ପି କାମ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଶିକ୍ଷଣ୍ ବେଲ୍‌କେ ଅଧିକାରୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ରନ୍ଧା ଗେସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଏସିଆ ନ ଦେଖାଦେଇଥିବା ପରିସ୍ଥିତିକେ ନଜର୍‌ଥି ରଖିକରି ରାଏଜେ ଗଲା ମାସେ ଭିତ୍‌ରେ ରନ୍ଧା ଗେସ୍‌କେ ନେଇକରି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଇଛେ ବଲି ଯୋଗାଣ ସଚିବ ସଞ୍ଜୟ ସିଂ କହିଛନ୍ । ରାଏଜେ ଏଲ୍‌ପିଜି, ପେଟ୍ରୋଲ୍ ଆଉ ଡିଜେଲ୍ ର କେନ୍‌ସି ଅଭାବ୍ ନାଇଁନ । ବାଣିଜ୍ୟିକ୍ କ୍ଷେତ୍ରକେ ୭୦ ପ୍ରତିଶତ୍ ଏଲ୍‌ପିଜି ଗେସ୍ ଦିଆଯାଇଛେ । ଦର୍‌କାରୀ ଜାଗା ନ ୨୦ ପ୍ରତିଶତ୍ ଏଲ୍‌ପିଜି ଆଗ୍‌ତୁରା ଯୁଗେଇ ଦିଆଯାଉଛେ । ଜିଲ୍ଲାସ୍ତର୍ ନ

ତଦାରଖ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ କମିଟି ଗଠନ୍ କରାଯାଇଛେ । ଶ୍ରମିକ୍ ଆଉ ଛାତ୍ରଛାତ୍ରୀମାନେ ନିଜର୍ ପରିଚୟ ପତ୍ର ଦେଖେଇକରି ୫ କେଜିଆ ଗେସ୍ ନେଇପାର୍‌ବେ । କଳାବଜାରୀକେ ରୁକ୍‌ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ ବଲି ଶ୍ରୀ ସିଂ କହିଛନ୍ ।

(ଭଏସ୍ ଓଭର୍-ଯୋଗାଣ ସଚିବ ସଞ୍ଜୟ ସିଂ)

ପଇତାଲାଗି ନୀତି          ପୁରୀ ସମ୍ବାଦଦାତା

ବୈଶାଖ୍ ମାସର୍ ଅନ୍ଧାର୍ ପଖର୍ ଚତୁର୍ଥୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍‌କର୍ ପଇତାଲାଗି ନୀତି କରାଯାଉଛେ । ଦୁଇନମ୍ବର୍ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ଇ ଗୁପ୍ତ ନୀତି ହେଇଛେ । ଇ ଗୁପ୍ତନୀତି ସଞ୍ଜର୍ ୬ ବଜେନୁ ମୁଲ୍ ହେଇକରି ରାତିର ୧୦ ବଜେ ତକ୍ ଚାଲ୍‌ବା । ଇ ସମିଆଥି ଶ୍ରୀଜୀଉମାନ୍‌କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଆର୍‌ଡିସି ବୈଠକ୍        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଥିବା ଉତରାଂଚଲ ରାଜସ୍ୱ ବିଭାଗ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ପରିସର୍ ନ ପ୍ରଶାସନିକ୍ ଆଉ ଶାସନ୍ ସଂସ୍କାର୍ ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ଉତରାଂଚଲ୍ ରାଜସ୍ୱ ବିଭାଗ ଆୟୁକ୍ତଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସାଧାରଣ୍ ଲୁକେ ସବୁଦିନିଆ ଜୀବନ୍‌ଥି ସମ୍ମୁଖୀନ୍ ହେଉଥିବା ରାଜସ୍ୱ ବାବଦ୍ ସମସ୍ୟାର୍ ସମାଧାନ୍ ଆଉ ନୂଆଁ ସଂସ୍କାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ଇ ଅବ୍‌ସରେ ରାଜସ୍ୱ ସେବା ବିତରଣ୍‌କେ ସୁଧ୍‌ରାବାର୍ ଲାଗି ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ପ୍ରସ୍ତାବ୍ ମାନ୍‌କୁ ଗ୍ରହଣ୍ କରାଯାଇଥିଲା ।

ଜନଗଣନା ସଚେତନତା        ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମୁଲ୍ ହେଇଥିବା ଡିଜିଟାଲ୍  ଜନଗଣନା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ୍ ଅଶୋକ୍ କୁମାର୍ ଭୋଇ ଗୁଟେ

ସଚେତନତା ରଥର୍ ଶୁଭାରମ୍ଭ କରିଛନ୍ । ଜନସାଧାରଣ୍ ନିଜେ ନିଜର୍ ତଥ୍ୟ ସ୍ୱ ଗଣନା ପୋର୍ଟାଲ୍ ଜରିଏ ଦାଖଲ୍ କରିପାର୍‌ବେ । ନାଗରିକ୍‌ମାନେ se.census.gov.in ପୋର୍ଟାଲ୍ ବେଭାର୍ କରିକରି ଆଏବା ୧୫ ତାରିଖ୍‌ତକ୍ ନିଜର୍ ତଥ୍ୟ ଦେଇପାର୍‌ବେ ।

ରଗ୍‌ବୀ ଚାମ୍ପିଅନ୍‌ସିପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ୬୯ ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବଛର୍ ଆଉ ୧୪ ବଛର୍‌ନୁ କମ୍ ବୟସର୍ ବାଳକ ବାଳିକା ଖେଲାଲିମାନ୍‌କୁ ନେଇକରି ଆୟୋଜିତ୍ ଜାତୀୟ ବିଦ୍ୟାଳୟ ସ୍ତରୀୟ ରଗ୍‌ବୀ ଚାମ୍ପିଅନ୍‌ସିପ୍ ୨୦୨୫-୨୬ ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆୟୁକ୍ତ ଆଉ ଶାସନ୍ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଆଉ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ସଚିବ ଡକ୍ଟର୍ ଏମ୍. ତିରୁମାଲା ନାୟକ୍ ଚାମ୍ପିଅନ୍‌ସିପ୍‌କେ ଶୁଭାରମ୍ଭ କରିଥିଲେ । ଆଏବାକାଏଲ୍ ତକ୍ ୧୭ ବଛର୍ ନୁ କମ୍ ବୟସର

ବାଳକ ଆଉ ବାଳିକାମାନ୍‌କର୍ କ୍ରୀଡ଼ା ପ୍ରତିଯୋଗିତା ହେବା । ଆଏବା ୯ ଆଉ ୧୦ ତାରିଖ୍ ୧୪ ବଛରନୁ କମ୍ ବୟସର୍ ବାଳିକ ବାଳିକା ମାନ୍‌କୁ ନେଇକରି ଚାମ୍ପିଅନ୍‌ସିପ୍ ହେବା । ପ୍ରତିଯୋଗିତାଥି ୧୫ ଟା ରାଜ୍ୟର୍ ଖେଲାଳି ଭାଗ୍ ନେଉଛନ୍ ।

ଅଭିଯୋଗ୍ ଶୁଣାଣି /ସୁବର୍ଣ୍ଣପୁର୍/ବୌଦ୍ଧ/ଦେବ୍‌ଗଡ୍/ସମ୍ବଲପୁର/ବର୍‌ଗଡ୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୪ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ୍ ଜିଲ୍ଲା ଗାଇସିଲେଟ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୮୯ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ବାଗ୍‌ବର୍ ପଂଚାୟତ୍ ନ ହେଇଥିବା ଶୁଣାଣି ଶିବିର୍‌ଥି ୪୮ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ୮୬ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୭ ଟାର୍ ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ଶିବିର୍‌ଥି ୫୬ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଧୁକାଗର୍ଡ୍ଡି ସାଙ୍ଗେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍

ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେନ୍ତା ଆଏବା ୨୪ ଘଂଟାତକ୍ ଦିନର୍ ସବୁନୁ ଜହ ତାପମାତ୍ରାଥି କେନ୍ସି ପରିବର୍ତନ୍ ନାଇଁନ ଆଉ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମ୍ବା । ସେଆଡ଼େ କଲାହାଣ୍ଡି, ବଲାଙ୍ଗିର୍ ସହେତେ ଆଉ କେତେଟା ଜିଲ୍ଲା ନ ଜବର୍ ଧୁକାଗର୍ଡ଼ି, ବର୍ଷା ସହେତେ କରାମାଡ଼୍ ହେଇଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।